# Akashvani, Sambalpur

## SAMBALPURI NEWS BULLETIN

### 29 May 2024- 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ନ ୪ ନମ୍ବର୍ ଆର୍ ଶେଷ୍ ଖେପର୍ ଭୋଟ୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲର୍ ବରିଷ୍ଠ ନେତାମାନେ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରୁଛନ୍ ।

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଓଡ଼ିଶା ଆସିକରି ବାରିପଦାର ଛଉପଡ଼ିଆ, ବାଲେଶ୍ୱର୍‌ର ରେମୁଣା ଆର୍ କେନ୍ଦ୍ରାପଡ଼ା ନ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବେ ।

ସେଆଡ଼େ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ଆଏଜ୍ ବାଲେଶ୍ୱର୍ ଆର୍ ଭଦ୍ରକ ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ଦଲର୍ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଭିଲ୍ ପ୍ରଚାର୍‌ର ଶେଷ୍ ଦିନ ଆଏବାକାଏଲ୍ ବାଲେଶ୍ୱର୍ ନ ପ୍ରଚାର୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଭୋଟ୍ ଗଣନା ପ୍ରସ୍ତୁତି            ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ନ ଭୋଟ୍ ଗଣ୍ନାକେ ନେଇକରି ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରଓ୍ୱାଲ୍ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଇଥି ଗଣନା ବ୍ୟବସ୍ଥା, ଭିତିଭୂମି ପ୍ରସ୍ତୁତି, ଆଇନ୍ଗତ ଦିଗ, ଗଣନା କର୍ବାର୍ କର୍ମଚାରୀ, ସବୁ ପ୍ରକ୍ରିୟାର୍ ଭିଡ଼ିଓ ରେକର୍ଡ୍, ସୁରକ୍ଷା ବ୍ୟବସ୍ଥା, ଫଲାଫଲ୍ ଘୋଷ୍ନା, ଆଉ ଗଣ୍ନା ମଡ୍ୟୁଲ୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ସେନ୍ତା ବର୍ଗଡ୍ ଜିଲ୍ଲା ନ ଭୋଟ୍ ଗନ୍ତି ଲାଗି ପ୍ରସ୍ତୁତି ଜାରି ରହିଛେ । ସିଆର୍ପିଏଫ୍ ଆର୍ ସୁରକ୍ଷା ବ୍ୟବସ୍ଥା ସହେତେ ପଦମ୍ପୁର୍ ଆର୍ ବିଜେପୁର୍ର ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀର୍ ଭୋଟ୍ଗନ୍ତି ପଦମ୍ପୁର୍ ମାର୍କେଟ୍ ୟାର୍ଡ୍ ନ କରାଯିବାର୍କେ ଥିର୍ କରାଯାଇଥିବାର୍ ବେଲେ ବର୍ଗଡ୍, ଅତାବିରା ଆର୍ ଭଟ୍ଲି ନିର୍ବାଚନ୍ ମଣ୍ଡଲୀର୍ ଭୋଟ୍ଗନ୍ତି ବର୍ଗଡ୍ର ପଂଚାୟତ୍ କଲେଜ୍ ନ କରାଯିବା ।

ଭଉଁରୀ ଯାତ୍ରା        ଆର୍ଏନ୍ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମହାପ୍ରଭୁଙ୍କର୍ ଭଉଁରୀ ମହୋତ୍ସବ୍ ହେଉଛେ । ନନ୍ଦା ଆଉ ଭଦ୍ରାଥି ଅଧିଷ୍ଠିତ ହେଇକରି ଶ୍ରୀରାମକୃଷ୍ଣ, ଶ୍ରୀ ମଦନ୍‌ମୋହନ୍, ଲକ୍ଷ୍ମୀ, ସରସ୍ୱତୀ ଆଉ ପଂଚମହାଦେବ ନରେନ୍ଦ୍ର ପୁଷ୍କିରିଣୀ ନ ଚାପ ଖେଲ୍‌ବେ । ଉପର୍‌ବେଲା ବଡ଼ଦେଉଳ ନ ଶ୍ରୀଜୀଉମାନ୍‌କର୍ ଜାତ ଭୋଗ ଶେଷ୍ ହେଲା ଉତ୍‌ରୁ ଚନ୍ଦନ ଠାକୁର ବିମାନ୍‌ଥି ବିଜେ କର୍‌ବେ । ଇ ଅବ୍‌ସରେ ମାହାପୁରୁଙ୍କର୍ ଜଳଲାଗି, ଦିଅଁ ଚନ୍ଦନ କୁଣ୍ଡକେ ଯିବେ । ଚନ୍ଦନ କୁଣ୍ଡ ନୁ ବାହାର୍‌ବାର୍ ଉତ୍‌ରୁ ଶୀତଳଭୋଗ, ମାଣ୍ଡୁଅ ଭୋଗ, ବିଡ଼ିଆ ମଣୋହି, ବନ୍ଦାପନା ନୀତି ହେବା । ନରେନ୍ଦ୍ର ପୁଷ୍କରିଣୀ ନ ଦଶଦେବଦେବୀଙ୍କର୍ ଏକୋଶିଘେରା ଚାପ କ୍ରୀଡ଼ା ସର୍‌ଲା ଉତ୍‌ରୁ ମଦନ୍‌ମୋହନ୍, ଲକ୍ଷ୍ମୀ, ସରସ୍ୱତୀ ଆର୍ ଶ୍ରୀ ରାମକୃଷ୍ଣ ଶ୍ରୀମନ୍ଦିର୍‌କେ ଫିର୍‌ବେ ।

ବିଏଡ୍, ଏମ୍‌ଏଡ୍, ବିଏଚ୍‌ଏଡ୍ ନାଁଲେଖା

ଆର୍‌ଏନ୍‌ୟୁ /ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ବିଏଡ୍, ଏମ୍‌ଏଡ୍, ବିଏଚ୍‌ଏଡ୍ ନାଁଲେଖା ଲାଗି ବିଜ୍ଞପ୍ତି ବାହାରିଛେ । ପ୍ରବେଶିକା ପରୀକ୍ଷା ଜରିଏ ପ୍ରାର୍ଥୀ ମନୋନୟନ୍

କରାଯିବା । ଆଗ୍ରହୀ ପ୍ରାର୍ଥୀମାନେ ଆଏଜ୍ ଉପର୍‌ବେଲା ୨ ବଜେନୁ ସାମ୍ବ ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ । ଜୁନ୍ ୧୦ ତାରିଖ୍‌ତକ୍ ଆବେଦନ୍‌ର ଶେଷ୍ ତାରିଖ୍ ରହିଛେ । ଜୁଲାଇ ୧୫ ତାରିଖ୍ ଦିନ ପ୍ରବେଶିକା ପରୀକ୍ଷା ଲାଗି ଏଡ଼ମିଟ୍‌କାର୍ଡ଼ ମିଲ୍‌ବା ଆଉ ଜୁଲାଇ ୨୪ ତାରିଖ୍ ଦିନ ବିଏଡ୍, ଏମ୍‌ଏଡ୍ ଆଉ ୨୫ ତାରିଖ୍ ଦିନ ବିଏଚ୍‌ଏଡ୍ ପାଠ୍ୟକ୍ରମର୍ ପ୍ରବେଶିକା ପରୀକ୍ଷା ହେବା ।

ଆଇପିଏସ୍ ଅଧିକାରୀ -ନିଲମ୍ବନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ବରିଷ୍ଠ ଆଇପିଏସ୍ ଅଧିକାରୀ ଡି.ଏସ୍.କୁଟେଙ୍କୁ ନିର୍ବାଚନ୍ ଆୟୋଗ ନିଲମ୍ବନ୍ କରିଛନ୍ । ସାଧାରଣ୍ ନିର୍ବାଚନ୍‌ଥି ଶ୍ରୀ କୁଟେ ହସ୍ତକ୍ଷେପ୍ କରୁଥିବାର୍ ଅଭିଯୋଗ୍ ଆସ୍‌ବାର୍ ଉତ୍‌ରୁ ତାଙ୍କର୍ ବିରୋଧ୍‌ଥି ଇ କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ । ଆଏଜ୍ ଉପର୍‌ବେଲା ୩ ବଜେତକ୍ ନୂଆଦିଲ୍ଲୀର୍ ଆବାସିକ କମିଶନର୍-ଓଡ଼ିଶା କାର୍ଯ୍ୟାଳୟ ନ ହାଜର୍ ହେବାର୍‌କେ କୁଟେଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ସେନ୍ତା ଗଲା ୪ ତାରିଖ୍‌ନୁ ସ୍ୱାସ୍ଥ୍ୟଗତ କାରଣ୍‌ନୁ ଛୁଟିଥି ଥିବା ବରିଷ୍ଠ ଆଇପିଏସ୍ ଆଇ.ଜି. ଆଶିଷ୍ ସିଂଙ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା କର୍‌ବାର୍ ଲାଗି ନିର୍ବାଚନ୍ ଆୟୋଗ୍ ନିର୍ଦ୍ଦେଶ୍ ଦେଇଛନ୍ । ତାଙ୍କର୍ ସ୍ୱାସ୍ଥ୍ୟବସ୍ଥା ଯାଂଚ୍ ଲାଗି ଏମ୍ସ ଭୁବ୍‌ନେଶ୍ୱର୍ ତର୍‌ଫୁ ଗୁଟେ ସ୍ୱତନ୍ତ୍ର ବୋର୍ଡ଼ ଗଠନ୍ କରାଯିବା । ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଇ ମେଡ଼ିକାଲ୍ ବୋର୍ଡ଼ ଗଠନ୍ ଲାଗି ଏମ୍ସର ନିର୍ଦ୍ଦେଶକଙ୍କର୍ ସାଙ୍ଗେ ସମନ୍ୱୟ ରକ୍ଷା କର୍‌ବେ । ଇତାର୍‌ଉତ୍‌ରୁ ୩୧ ତାରିଖ୍‌ତକ୍ ସ୍ୱାସ୍ଥ୍ୟବସ୍ଥା ଯାଂଚ୍ ରିପୋର୍ଟ ନିର୍ବାଚନ୍ ଆୟୋଗଙ୍କୁ ପଠାବାର୍ ଲାଗି କୁହାଯାଇଛେ ।

ସଫଲ୍ ପୋର୍ଟାଲ୍‌ଥି ଅପ୍‌ଲୋଡ଼୍      ଆର୍‌ଏନ୍‌ୟୁ / ସମ୍ବଲପୁର

କୃଷି ବିଭାଗ୍ ତର୍‌ଫୁ ତିଆର୍ ହେଇଥିବା ସଫଲ୍ ପୋର୍ଟାଲ୍‌କେ ଜଲ୍‌ଦି ସବୁ ପ୍ରାଥମିକ କୃଷି ସମବାୟ ସମିତି - ପେକ୍ସ ଆର୍ ଲେମ୍ପସ୍ ମାନ୍‌କୁ ତଥ୍ୟ ଅପ୍‌ଲୋଡ଼୍ କର୍‌ବାର୍‌କେ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇଥିର୍‌ଲାଗି କୃଷି ବିଭାଗ୍ ଆଉ ସମବାୟ ବିଭାଗ୍ ତର୍‌ଫୁ ମିଲିତ୍ ଭାବେ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । କୃଷି ନିର୍ଦ୍ଦେଶାଳୟ ତର୍‌ଫୁ ପ୍ରସ୍ତୁତ୍ ସଫଲ୍

ପୋର୍ଟାଲ୍ ଜରିଏ ଚାଷୀମାନ୍‌କୁ ଋଣ ଦେବାର୍‌ଥି ସାହାଜ୍ କର୍‌ବା ବଲି ଇଥି କୁହାଯାଇଛେ ।

ଆଧାର୍‌କାର୍ଡ଼ -ପାନ୍ କାର୍ଡ଼ ସଂଯୋଗ-ଆୟକର ବିଭାଗ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ଆଧାର୍‌କାର୍ଡ଼ ସଙ୍ଗେ ପାନ୍ କାର୍ଡ଼ ଇ ମାସର୍ ଶେଷ୍‌ତକ୍ ସଂଯୋଗ ନାଇଁ କଲେ ୨ ଗୁନ୍ ଆୟକର୍ ଦେବାର୍‌କେ ପଡ଼୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଇ ବାବ୍‌ଦେ ଆୟକର୍ ବିଭାଗ୍ ସାମାଜିକ୍ ଗଣମାଧମ୍‌ଥି ଆୟକର ଦାତାମାନ୍‌କୁ ସଚେତନ୍ କରିଛେ ।

ଓପିଜିସି-ଶକ୍ତିସଚିବ ଆର୍‌ଏନ୍‌ୟୁ /ସମ୍ବଲପୁର

ଶକ୍ତି ସଚିବ ବିଶାଳ କୁମାର୍ ଦେବ୍ ଗଲାକାଏଲ୍ ବନ୍‌ହର୍‌ପାଲି ନ ଥିବା ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ୍ ନିଗମ୍- ଓପିଜିସିର ପାୱାର୍ ପ୍ଲାଂଟ୍ ପରିଦର୍ଶନ୍ କରିଛନ୍ । ଇ ସମିଆଥି ସେ ପ୍ଲାଂଟ୍‌ର ଫି ବିଭାଗ୍‌ର ମୁଖ୍ୟ ଆଉ ବରିଷ୍ଠ ଅଧିକାରୀମାନ୍‌କର୍ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇଥିଲେ । ରାଏଜେ ବିଦ୍ୟୁତ୍ ଚାହିଦାକେ ନଜର୍‌ଥି ରଖିକରି ଖୋବ୍ ଜଲ୍‌ଦି ୫ ଆଉ ୬ ନମ୍ବର୍ ୟୁନିଟ୍

ତିଆରି ବାବ୍‌ଦେ ସୂଚ୍‌ନା ଦେଇଥିଲେ । ଏନ୍ତାକି ଆଏବା ଦିନେ ୭ ଆଉ ୮ ଦୁଇଟା ୟୁନିଟ୍‌ର ଲକ୍ଷ୍ୟ ରହିଛେ ବଲି କହିଥିଲେ ।

ତାପମାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

କେତେ ଦିନ୍ ଉତ୍‌ରୁ ରାଏଜେ ଫେର୍‌ଘାଏ ତାତି ବଢ଼ିଛେ । ଆଏବା ୪୮ ଘଂଟା ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଜାରି ରହେବା । ଆଏଜ୍ ଆର୍ ଆଏବା କାଏଲ୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ବୌଦ୍ଧ, କଲାହାଣ୍ଡି, ବଲାଙ୍ଗିର୍ ଆର୍ ନୂଆପଡ଼ା ନ ଗ୍ରୀଷ୍ମପ୍ରବାହ ହେବା । ସେଥିର୍‌ଲାଗି ଜିଲ୍ଲାପାଲ୍‌ମାନେ ଦର୍‌କାରୀ ପଦକ୍ଷେପ୍ ନେବାର୍ ଲାଗି ଏସ୍‌ଆର୍‌ସିଙ୍କର୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଇଥିର୍‌ଲାଗି ଇ ଜିଲ୍ଲାମାନ୍‌କେ ପାଣିପାଗ୍ ବିଭାଗ୍ ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।